# ପାଠ-୮-ପ୍ରବନ୍ଧ : ସଭ୍ୟତା ଓ ବିଜ୍ଞାନ

## ଲେଖକ- ବଂଶୀଧର ସାମନ୍ତରାୟ

## ଶ୍ରେଣୀ – ଦଶମ

## ଦ୍ୱିତୀୟ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

**General Objectives –** (ସାଧାରଣ ଆଭିମୁଖ୍ୟ) – ପ୍ରାଚୀନ ସଭ୍ୟତା ବିକଶିତ ହୋଇ ବିଜ୍ଞାନ ବଳରେ ଆଜି ଉନ୍ନତିର ଚରମ ସୋପାନରେ ପହଞ୍ଚି ପାରିଛି । ସୁତରାଂ ସଭ୍ୟତା ଓ ବିଜ୍ଞାନ ପରସ୍ପର ଆଶ୍ରୟୀ ।

**Specific Objectives -** ବିଶେଷ ଆଭିମୁଖ୍ୟ :

ବିଭିନ୍ନ ଦେଶର ସଭ୍ୟତା ସଂପର୍କରେ ସମ୍ୟକ୍ ଜ୍ଞାନ ସହ ଭାରତୀୟ ସଭ୍ୟତାର ଆଦର୍ଶ ଓ ବୈଶିଷ୍ଟ୍ୟ ପ୍ରତିପାଦିତ ।

ବିଜ୍ଞାନର ବିଭିନ୍ନ ଦିଗ ଆଲୋଚିତ ।

ବିଜ୍ଞାନ ସମ୍ବନ୍ଧୀୟ ଅନେକ ତଥ୍ୟ ଜ୍ଞାତ ତଥା ବିଜ୍ଞାନକୁ ମଣିଷ କିପରି ଧ୍ୱଂସ ପଥରେ ନିୟୋଜିତ କରୁଛି ତାର ସମ୍ୟକ୍ ଧାରଣା ଦେବା ସହ ବ୍ୟାକରଣଗତ ଶବ୍ଦ, କ୍ଲିଷ୍ଟ ଶବ୍ଦ ତଥା ଅନେକ ନୂତନ ତଥ୍ୟ ସମ୍ବନ୍ଧରେ ଆଲୋଚନା ।

ପୂର୍ବପାଠର ଆଲୋଚନା –

୧. ଆଲୋଚ୍ୟ ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

୨. ସଭ୍ୟତା ଓ ବିଜ୍ଞାନ ପ୍ରବନ୍ଧର ଆଭିମୁଖ୍ୟ କ'ଣ ?

୩. ସଭ୍ୟତା କାହାକୁ କୁହାଯାଏ ?

୪. ବଂଶୀଧର ସାମନ୍ତରାୟ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

୫. ସଭ୍ୟତା ଓ ବିଜ୍ଞାନ ପ୍ରବନ୍ଧଟି କେଉଁ ମସିହାରେ ପ୍ରକାଶ ପାଇଥିଲା ?

ODM EDUCATIONAL GROUP
Changing your Tomorrow

ବର୍ତ୍ତମାନ ଆଧୁନିକ ସଭ୍ୟତା ବିଷୟ ଆଲୋଚନା କରାଯାଉ । ଏହାର ଲକ୍ଷ୍ୟ ଆମ୍ଭେମାନେ ପୂର୍ବେ କହିଥାଇଁ, ବର୍ତ୍ତମାନ ଏହାର ପଥ କ'ଣ ଦେଖାଯାଉ । ଆଜିପର୍ଯ୍ୟନ୍ତ ଆମ୍ଭେମାନେ ଆମ୍ଭମାନଙ୍କର ଆଦର୍ଶର ଉଚ୍ଚତମ ସୋପାନରେ ପହଞ୍ଚିପାରିନାହୁଁ । ସେ ପଥରେ କେତେ ବାଟ ଯେ ଆସିଛୁଁ, ତାହା କିଛି ମାତ୍ର ନିରୂପିତ ହୋଇପାରେ । ଅନ୍ୟାନ୍ୟ ସଭ୍ୟତାମାନଙ୍କ ପରି ଏହାର ଲକ୍ଷ୍ୟ ସ୍ଥଳରେ ଉପସ୍ଥିତ ହେବାକୁ ବହୁ ସମୟ ଦରକାର ବୋଲି ଅନୁମାନ କରାଯାଉଅଛି । ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ୍ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ଚାଲିଛି ।

ତେବେ ବିଜ୍ଞାନ ଆମ୍ଭମାନଙ୍କର ଅବଲମ୍ବନ ଥିବା ସ୍ଥଳେ ତାହା କ'ଣ ଓ ତତ୍‌ସାହାଯ୍ୟରେ ଆମ୍ଭେମାନେ କିପରି ଅଗ୍ରସର ହେଉଥାଇଁ ଓ କିପରି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା, ତାହା ଜାଣିବାପାଇଁ ଆମ୍ଭମାନଙ୍କର ଚେଷ୍ଟା ଅନବରତ ଲାଗି ରହିଛି । ବିଜ୍ଞାନକୁ ବ୍ୟାପକ ଅର୍ଥରେ ବ୍ୟବହାର କଲେ ଆମ୍ଭେମାନେ ଜାଣୁଁ ଯେ କୌଣସି ବିଷୟରେ ସମ୍ୟକ୍ ଜ୍ଞାନକୁ ବିଜ୍ଞାନ କହିଥାନ୍ତି ।

ODM EDUCATIONAL GROUP
Changing your Tomorrow

କିପରି ତାହା ଆମ୍ଭେମାନେ ଜାଣିପାରୁଥାଇଁ । ଏହି ଜଡ଼ବିଜ୍ଞାନ ବଳରେ ଆମ୍ଭେମାନେ ଜାଣୁଥାଇଁ ଯେ, ଶକ୍ତିବଳରେ ପ୍ରତ୍ୟେକ ପଦାର୍ଥ ଅନ୍ୟ ସହିତ ସମ୍ବନ୍ଧ ସ୍ଥାପନ କରିବାରେ କ୍ଷମ ହୋଇଅଛି । ତାହା ଛଡ଼ା ଆମ୍ଭେମାନେ ବୈଷୟିକ ଉନ୍ନତିରେ ଏତେ ଅଗ୍ରସର ହୋଇଥାଇଁ ଯେ, ପୂର୍ବବର୍ତ୍ତୀ ମାନବ ତାହା ସ୍ୱପ୍ନରେ ସୁଦ୍ଧା ଭାବିଥିଲେ କି ନାହିଁ, ସନ୍ଦେହ । ଆମ୍ଭେମାନେ ଆଜି ଏହି ଜଡ଼ବିଜ୍ଞାନ ବଳରେ ବିଭିନ୍ନ ଧାତୁ ଓ ଉପାଦାନ ବିଶୁଦ୍ଧ ଭାବରେ ଆହରଣ କରିପାରିଛୁଁ ।

ODM EDUCATIONAL GROUP
Changing your Tomorrow

ମାନବ ଯେଉଁ ..................................ଆଧ୍ୟାତ୍ମିକତା ।

ପ୍ରବନ୍ଧର ଦୁଇଟି ଅନୁଚ୍ଛେଦ ବ୍ୟାଖ୍ୟା କରାଯିବ ।

ସଭ୍ୟତା କାହାକୁ କହନ୍ତି । ସଂଜ୍ଞା ଓ ସ୍ୱରୂପ ଲେଖାଯିବ ।

ମାନବ ଯେଉଁ ବୈଷୟିକ, ଶାରୀରିକ, ମାନସିକ, ନୈତିକ ଉନ୍ନତି ଏବଂ ଜ୍ଞାନ ସାଧନ କରିଥାଏ, ତାହାକୁ ସଭ୍ୟତା କୁହାଯାଏ ।

ODM EDUCATIONAL GROUP
Changing your Tomorrow

**ଶବ୍ଦାର୍ଥ ଲିଖନ :**

ବୈଷୟିକ – ବିଷୟ ସମ୍ବନ୍ଧୀୟ,

ଅଧୁନାତନ - ଆଜିକାଲିକା,

ଆତ୍ମ ସଂଯମ - ନିଜକୁ ନିୟନ୍ତ୍ରଣରେ ରଖିବା ।

**ବିପରୀତ ଶବ୍ଦ :**

ନୈତିକ - ଅନୈତିକ

ଉନ୍ନତି - ଅବନତି

ପ୍ରାଚୀନ -ଅର୍ବାଚୀନ

ବିକାଶ – ବିନାଶ

ସଂଯୋଗ – ବିଯୋଗ

ODM EDUCATIONAL GROUP
Changing your Tomorrow

## ଗୃହକର୍ମ :

ଏହି ପ୍ରବନ୍ଧ ଉପରେ ଗୋଟିଏ ଅନୁଚ୍ଛେଦ ଲେଖ । ୧୦ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ କର ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow